ତୁମପରି ଛୋଟ ପିଲାଟିଏ

5TIMH9

ତୁମପରି ଛୋଟ ପିଲାଟିଏ
ଗାଆଁ ଚାହାଳିର ଚାଟ ସିଏ,
ଚେହେରାଟି ତା'ର ଡଉଲ ଡାଉଲ
ବୁଦ୍ଧିରେ ତାହାର ସରି କିଏ ।

ଛାଡ଼ିଯାଇଥିଲା ଦିନେ ଝଡ଼ି
ବାହାରିଲା ସିଏ ପାଠ ପଢ଼ି,
ବାଟେ ଯାଉଯାଉ ଖସିଗଲା ଗୋଡ଼
ମୁହଁମାଡ଼ି ତଳେ ଗଲା ପଡ଼ି ।

ଗୁରୁଜୀ ଦେଖିଲେ ଦେହ ତା'ର
ପାଣି କାଦୁଅରେ ସରସର,
ତିଳେହେଁ ସେଥିକି ଖାତର ନକରି
ଆସିଅଛି ହୋଇ ତରବର ।



ପଚାରିଲେ ଗୁରୁ ଏ କି ହେଲା
ଏତେ ସରି ତୋତେ କିଏ କଲା,
ପିଲାଟି କହିଲା ବେଗେ ଆସୁ ଆସୁ
କାଦୁଅରେ ଗୋଡ଼ ଖସିଗଲା ।

ହେଲା ଦଶହରା ଛୁଟି ବେଳ
ସାଥୀ ପିଲା ଡାକି କଲା ମେଳ,
ବାଲି ଗୋଡ଼ି ମାଟି ପକାଇ ସଭିଏଁ
ଗାଁ' ଦାଣ୍ଡ କଲେ ସମତୁଲ ।

ଏହା ଦେଖି ଲୋକେ ହେଲେ କାବା
ଡକାଇଲେ ଗୁରୁ ଚାଟସଭା,
କହିଲେ ଏଭଳି ଭଲ କାମ କଲେ
ଦୁନିଆରେ ଦିନେ ବଡ଼ ହେବା ।

ବଡ଼ ହେଲା ଦିନେ ସେହି ପିଲା
'ମଧୁ ବାରିଷ୍ଟର' ବୋଲାଇଲା,
ଦେଶ ପାଇଁ କେତେ କାମ କରି ସିଏ
କାଳକାଳ ଯଶ ରଖିଗଲା ।

କହିଲା ଜାତିର କାନେ କାନେ
ଉଠିବୁ ଆଉ ତୁ କେତେ ଦିନେ,
ପୂରୁବ ଗୌରବ ପୂରୁବ ମହିମା
ପଡୁନାହିଁ କିରେ ତୋର ମନେ ।

ତେଜ ଭରା ତା'ର ବୀର ବାଣୀ
ନବ ଜାଗରଣ ଦେଲା ଆଣି,
ନୂଆ ଜୀବନର ଆଲୋକ ଦେଖାଇ
କୋଟି ଜନ-ମନ ନେଲା ଟାଣି ।



ଆସ ଜାଣିବା କେତୋଟି ନୂଆ ଶବ୍ଦ

ଚାହାଳି	ଚାଟ	ଡିଲେ	ଖାତର
ସରସର	ସରି	ଯଶ	ଜାଗରଣ
ତରବର	ଡଉଲ ଡାଉଲ	କାବା	ସମତୁଲ
ଚେହେରା	ବାରିଷ୍ଟର	ମହିମା	କୋଟି

ଶିକ୍ଷକଙ୍କପାଇଁ ସୂଚନା

- ମଧୁବାବୁଙ୍କ ଜୀବନ ସଂପର୍କରେ ଅଧିକ ଧାରଣା ଦେବେ ।
- ମଧୁବାବୁ କଟକ ଜିଲ୍ଲାର ସତ୍ୟଭାମାପୁର ଗ୍ରାମରେ ଜନ୍ମଗ୍ରହଣ କରିଥିଲେ ।
- ଦେଶାତ୍ମବୋଧ, ସେବା ଓ ପରୋପକାରର ମହତ୍ତ୍ୱ କ'ଣ ବୁଝାଇବେ ।

ଅଭ୍ୟାସ

୧. ତଳ ଚିତ୍ରଟି ଦେଖି ତାହା ସହ ସଂପର୍କିତ ପଦଟିକୁ ମନେପକାଇ ଗାଇବା ।

୨.କୋଠରି ଭିତରୁ ଶବ୍ଦ ଆଣି ଖାଲି ସ୍ଥାନ ପୂରଣ କରିବା ।

ଖସିଗଲା ଗୋଡ଼
ଗଲା ପଡ଼ି
ଝଡ଼ି
ବାହାରିଲା

ଛାଡ଼ି ଯାଇଥିଲା ଦିନେ ____________

____________ ସିଏ ପାଠ ପଢ଼ି ।

ବାଟେ ଯାଉଯାଉ ____________

ମୁହଁମାଡ଼ି ତଳେ ____________ ।

୩. ସରସର, ତରବର - ଏପରି ଆଉ କେତୋଟି ଶବ୍ଦ ଲେଖ ।

____

____

୪. ଆସୁଆସୁ, ଯାଉଯାଉ ପରି ଆଉ କେତୋଟି ଶବ୍ଦ ଲେଖ ।

____

____

୫. ଆସ ତଳ ପ୍ରଶ୍ନଗୁଡ଼ିକର ଉତ୍ତର ବାକ୍ସରୁ ଖୋଜି ବାହାର କରିବା ଓ ସେଗୁଡ଼ିକୁ ପୂରା ବାକ୍ୟରେ ଲେଖିବା ।

ମଧୁସୂଦନ ଦାସ / ସ୍ୱତନ୍ତ୍ର ଓଡ଼ିଶା ଗଠନ / ଗାଁ ବାଟ ସମତୁଲ କଲା / ମଧୁବାବୁ / ଚାହାଳି / ଗୋଡ଼ ଖସିଯିବାରୁ / ଭଲକାମ କଲେ / ପାଠ ପଢୁଥିବା ପିଲା

(କ) ଚାଟ କାହାକୁ କହନ୍ତି ? ____________

(ଖ) ପିଲାଟି ବାଟରେ କାହିଁକି ପଡ଼ିଗଲା ? ____________

(ଗ) ଦଶହରା ଛୁଟିରେ ପିଲାଟି କି କାମ କଲା ? ____________

(ଘ) ଆଗ କାଳରେ ବିଦ୍ୟାଳୟକୁ କ'ଣ କୁହାଯାଉଥିଲା ? ____________

(ଙ) କବିତାରେ କେଉଁ ପିଲାଟି ବିଷୟରେ କୁହାଯାଇଛି ? ____________

(ଚ) କ'ଣ କଲେ କାଳକାଳକୁ ଯଶ ରହେ ? ______________________

(ଛ) ମଧୁବାବୁଙ୍କର ଦେଶପାଇଁ ମୁଖ୍ୟ କାମ କ'ଣ ଥିଲା ? ______________________

(ଜ) ମଧୁବାବୁଙ୍କ ପୂରା ନାମ କ'ଣ ? ______________________

୬. ମଧୁବାବୁଙ୍କୁ କେଉଁ ଉପାଧି ମିଳିଥିଲା ?

ଠିକ ଉତ୍ତରଟି ତଳ କୋଠରିରୁ ଖୋଜି ବାହାର କରିବା ଆସ ।

ଉତ୍କଳରତ୍ନ, ଉତ୍କଳଗୌରବ, ଉତ୍କଳବୀର, ଉତ୍କଳକେଶରୀ

୭. ଦଶହରା ଛୁଟିରେ ସାଥୀ ପିଲାଙ୍କ ସହ ମିଶି ତୁମ ଗ୍ରାମରେ ତୁମେ ଯେଉଁ ସବୁ କାମ କରିବ ବା କରିଛ ଲେଖ ।

____

୮. ମଧୁବାବୁଙ୍କ ପରି ଦେଶ ପାଇଁ କାମ କରିଥିବା ଆଉ କେତେ ଜଣଙ୍କ ନାମ ଲେଖ ।

____

୯. ତୁମ ଗାଁ'ରେ ବା ଆଖପାଖରେ ଦେଶପାଇଁ କାମ କରୁଥିବା କେହି ଲୋକ ଅଛନ୍ତି କି ? ସେମାନଙ୍କ ବିଷୟରେ ପାଞ୍ଚ ଧାଡ଼ି ଲେଖ ।

____

____

____

____

____